## ସଂକ୍ଷେପରେ

### ଅନ୍ତର୍ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା

**ଚିକିଟି ବ୍ଲକକୁ ୨ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୨ ବ୍ରୋଞ୍ଜ**



ଚିକିଟି,୪।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ପୋର୍ଟ ଇଣ୍ଡୋର ଷ୍ଟାଡିୟମ ୧୯ କେଡବୁଆଇ ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତାରେ ଚିକିଟି ବ୍ଲକକୁ ୨ ଗୋଲଡ଼ ମେଡାଲ, ୮ ସିଲଭର ମେଡାଲ ଏବଂ ୨ ଗୋଟି ବ୍ରୋଞ୍ଜ ପଦକ ମିଳିଥିବା ସୂଚନା ମିଳିଛି। କରାଟେ ସଂସ୍ଥାର ଚିଫ କୋଚ ତାଇ ପ୍ରକାଶ, କୋଚ ବି କିର୍ମାନୀ ଏବଂ ଟିମ ମ୍ୟାନେଜର କେ. ଟାଟା ରାଓଙ୍କ ନେତୃତ୍ୱରେ ଏହି ଟିମ ବିଶାଖାପାଟଣା ଗସ୍ତ କରିଥିଲେ। ଗଞ୍ଜାମ ଜିଲା ଚିକିଟି ବ୍ଲକ ସୁନାପୁର ପଞ୍ଚାୟତ ପାତିସୁନାପୁର ଏବଂ ଗିରିସୋଲାର କେ ଚରଣ, କେ ମହେଶ, ଠାକୁର କୁମାର, ଟି. ପୂଜା, ମନୀଷା ସେଠୀ, ସାଇପ୍ରିୟା ସେଠୀ, ଯମୁନା ସଫଳ ପ୍ରତିଯୋଗୀ ଭାବେ କରାଟେ ଲେଜେଣ୍ଡ ତଥା ତେଲୁଗୁ ସିନେମା ହିରୋ ସୁମନଙ୍କଠାରୁ ଉକ୍ତ ପଦକ ଜିତିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି। ଗିରିସୋଲା ସରପଞ୍ଚ ଡି. ଅଲିଶା, ଜିଲା ପରିଷଦ ସଭ୍ୟ ଏମ. ନାଗରାଜୁ ସଫଳତା ପାଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହିଭଳି ଉକ୍ତ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ହରିୟାଣା, ତେଲଙ୍ଗାନା, ଆନ୍ଧ୍ର ସମେତ ୧୫ ରାଜ୍ୟର ପାଞ୍ଚ ବର୍ଷରୁ ୧୪ ବର୍ଷ ମଧ୍ୟରେ ୧୨୦୦ ଜୁନିୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

# ମୋବାଇଲ ଖୋଲିବ ମୃତ୍ୟୁର ଗୁମର

## ଲଜ୍‌ରୁ ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣା

ବ୍ରହ୍ମପୁର,୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗୋଇଲୁଣ୍ଡି ମୁଖ୍ୟ ରାସ୍ତାରେ ଥିବା ବ୍ରହ୍ମପୁର ଲଜ୍‌ର ୪ନମ୍ବର ରୁମ୍‌ରୁ ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଗତ ୨୬ ତାରିଖରେ ପୋଲିସ ଉଦ୍ଧାର କରିଥିଲା। ମୃତା ହେଲେ ଆନ୍ଧ୍ରର ବିଶାଖାପାଟଣା ଆର୍ଭି.ନଗରର କ୍ରିଷ୍ଣା ବେନି କୋନାପଲି(୩୦)। ମୃତ ମହିଳାଙ୍କ ସ୍ୱାମୀ ସାମିଦମନ ଏଏସ ଗତ ୨୪ ତାରିଖ ଠାରୁ ଫେରାର ଅଛନ୍ତି। ପୋଲିସ ଉକ୍ତ କଠୋରୀରୁ ଏକ ମୋବାଇଲ ଫୋନ ଜବତ ପରେ ରୁମ୍‌କୁ ସିଲ କରି ତଦନ୍ତ ଜାରି ରଖିଛି। ସେହିପରି ଜବତ ମୋବାଇଲରୁ ପୋଲିସ ସୁରାକ ପାଇବା ପାଇଁ କଲ ଡିଟେଇଲ ରେଜିଷ୍ଟର (ସିଡିଆର) ମାଗିଛି। ତାହା ମିଳିବା ପରେ ମୃତ୍ୟୁର ଗୁମର ଖୋଲିବ ବୋଲି ପୋଲିସ ଆଶା କରୁଛି। ସେହିପରି ଭିସେରା ରିପୋର୍ଟକୁ ମଧ୍ୟ ଅପେକ୍ଷା କରିଛି। କୋଠରୀରୁ ଜବତ ଭଙ୍ଗା ଚୁଡ଼ି, ଚୁଟି ଓ ବେଡ଼ସିଟକୁ ନେଇ ସାଇଣ୍ଟିଫିକ ତଦନ୍ତ ଜାରି ରହିଛି। କ୍ରିଷ୍ଣାଙ୍କ ଘର ବିଶାଖାପାଟଣାରେ, କିନ୍ତୁ ତାଙ୍କ ସ୍ୱାମୀ ସାମିଦମନଙ୍କ ଘର କେରଳରେ। ଦୁହେଁ ୩ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଗତ ମାସ ୧୯ ତାରିଖରେ ସେମାନେ ବ୍ରହ୍ମପୁର ଆସିଥିଲେ। ସ୍ତ୍ରୀ'ର ଗାଇନିକ ସମସ୍ୟା ରହିଛି ଦର୍ଶାଇ ସାମିଦମନ ଉକ୍ତ ଲଜରେ ପତ୍ନୀଙ୍କୁ ନେଇ ରହୁଥିଲେ। ଉଭୟେ ଭଡ଼ାରେ ରହିଆସୁଥିଲେ। ଗତ ମାସ ୨୫ ତାରିଖ ସନ୍ଧ୍ୟାରେ ମହିଳା ଜଣଙ୍କ ଲଜ୍‌ର ଖଟ ଉପରେ ମରିପଡିଥିବା ନେଇ ଲଜ୍ ମାଲିକ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ନାକରୁ ରକ୍ତ ବାହାରିଥିବା ମୃତଦେହ ପଂଚନାମା ବେଳେ ପୋଲିସ ଜାଣିବାକୁ ପାଇଥିଲା। ଯାହାକି ଏକ ଭିନ୍ନ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।




ଆୟୋଜିତ ଉତ୍ସବରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ।

# ପୁସ୍ତକ 'ମଣିମାନ୍ତେ' ଉନ୍ମୋଚିତ

ବ୍ରହ୍ମପୁର,୪।୧୨ (ସ୍ମୃତି ରଞ୍ଜନ ମହାଳିକ)

କୋଣାର୍କଠାରେ କୋଣାର୍କ ମହୋତ୍ସବରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆସରରେ ବ୍ରହ୍ମପୁର ତୁଳସୀ ନଗର ବାସିନ୍ଦା ଯୁବ ଲେଖିକା ଦୀପିକା ଦାଶଙ୍କର ନାଟକ ପୁସ୍ତକ 'ମଣିମାନ୍ତେ' ସୋମବାର ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ସୁପ୍ରସିଦ୍ଧ ସାହିତ୍ୟିକ ଦାଶ ବେନହୁର, ଦିଲୀପ କୁମାର ସ୍ୱାଇଁ, ସୁଚେତା ମିଶ୍ର, ନୃତ୍ୟ ବିଦୁଷି ତଥା ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ଓଟିଡିସିର ମହା ପ୍ରବନ୍ଧକ ଡ. ଲଲାଟେନ୍ଦୁ ସାହୁ, କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଶେଷ ପ୍ରତିଭାଧାରୀମାନେ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ବ୍ରହ୍ମପୁର,୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ସାରା ରାଜ୍ୟରେ ଡିସେମ୍ବର ୧ରୁ ୭ତାରିଖ ଯାଏଁ ଶୂନ୍ୟ ମୃତାହତ ସପ୍ତାହ ପାଳନ କରାଯାଉଛି। ୪ର୍ଥ ଦିନରେ ଗୋସାଣିନୂଆଗାଁ ଥାନା ଆମ୍ବମାର୍କେଟ ଛକ ନିକଟରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଟପୁର ଥାନା ମହାନଳା ଗ୍ରାମର ଦିନ ମଜୁରିଆ ସରୋଜ କୁମାର ଦାସ(୨୩)। ସେ ଟ୍ରାଫିକ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବରୁ ଗତ ୧ତାରିଖରେ ସଦର ଥାନା ଆମ୍ବଗଡ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସରୋଜ ଏକ ସ୍କୁଟିରେ ସୋମବାର ଘରକୁ ଫେରୁଥିବାବେଳେ ପଛପଟକୁ ଏକ ପିକଅପ ଧକ୍କା ଦେଇଥିଲା। ସରୋଜ ରାସ୍ତା ଉପରେ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପିକଅପ ଛାଡି ଡ୍ରାଇଭର ଚମ୍ପଟ ମାରିଛି। ସ୍ଥାନୀୟ ଲୋକ ସରୋଜଙ୍କୁ ଏମକେସିଜି ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com




@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ବ୍ରହ୍ମପୁର, ୪।୧୨ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏ.ଆଇ.ୟୁ-ଏଏଡିସି ଓ ଇଂରାଜୀ ବିଭାଗର ମିଳିତ ସହଯୋଗରେ ଏକ ୬ ଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ସୋମବାର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଦ୍ୱାରା ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଏ.ଆଇ. ନୋଡାଲ ଅଫିସର ତଥା କାର୍ଯ୍ୟକ୍ରମର ଆବାହକ ଡଃ ମୃତ୍ୟୁଞ୍ଜୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ସ୍ମୃତି ଦାସ ଅତିଥି ପରିଚୟ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଏଆଇୟୁର ଯୁଗ୍ମ ନିର୍ଦ୍ଦେଶକ ଡଃ ଅମରେନ୍ଦ୍ର ପାଣି ଯୋଗଦେଇ କହିଥିଲେ ଯେ, ଅନ୍ୟାନ୍ୟ ବିଭାଗ ତୁଳନାରେ ହ୍ୟୁମାନିଟିଜ ବିଭାଗ ଗୁଡିକରେ ଗବେଷଣାମୂଳକ ପ୍ରଶିକ୍ଷଣ କମ ହେଉଛି। ତେଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ। ବାଙ୍କୁରା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୌତମ ବୁଦ୍ଧ ସୁରାଲ ଉଦଘାଟନୀ ଭାଷଣ ଦେଇଥିଲେ। ଏହି ସପ୍ତମ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଶିକ୍ଷକ ଓ ଗବେଷକଙ୍କ ପାଇଁ ଉପାଦେୟ ହେବ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ମତ ଦେଇଥିଲେ। ଇଂରାଜୀ ବିଭାଗର ଅନିଲ କୁମାର ତିରିଆ ଧନ୍ୟବାଦ ଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ୮୬ ଶିକ୍ଷକ ଓ ଗବେଷକ ଯୋଗଦେଇଥିଲେ। ଇଂରାଜୀ ବିଭାଗର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଭାରତୀୟ ନୌସେନା ଦିବସ ପାଳିତ

ରମ୍ଭା,୪।୧୨(ବନବାସୀ ସେଠୀ)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ନୌସେନା ଦିବସ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଓ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷକ ଅଜିତ କୁମାର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ ପରିଚାଳନା କରିଥିଲେ ଏବଂ ଛାତ୍ରମାନଙ୍କୁ ଇଣ୍ଡିଆନ ନେଭି ଡେ ଉପରେ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷକ ଜଗବନ୍ଧୁ ପ୍ରଧାନ, ରଜତ କୁମାର ପାଢ଼ୀ, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡ଼ା, ରୋଜାଲିନ ମହାପାତ୍ର, ରାମିତ୍ରି ଶବର, ଜ୍ୟୋତିର୍ମୟୀ ବେହେରା, ଅନିତା ଜେନା, ଗୁଣମଣି ବେହେରା, ମଧୁସୂଦନ ସାହୁ, କୃଷ୍ଣଚନ୍ଦ୍ର ବାଡତ୍ୟା ଓ ରମେଶ ଚନ୍ଦ୍ର ନାୟକ ସହଯୋଗ କରିଥିଲେ। ଏହି ଦିବସରେ ଶିକ୍ଷକ ଅଜିତଙ୍କ ସହ ୫୦ ଜଣ ଏନସିସି ଛାତ୍ର ରମ୍ଭା ଚିଲିକାରେ ନୌବିହାର କରିଥିଲେ।



**ପେଟ ପାଇଁ :** ଗ୍ରାମାଞ୍ଚଳରୁ ଜଣେ ବେପାରୀ ଏକ ସାଇକେଲ୍‌ରେ କାଠ ବୋଝେଇ କରି ସହରାଭିମୁଖୀ ହେଉଛନ୍ତି।

# ସୁକୁଣ୍ଡା ହଜରେ ୧୦୮ ବର, ୧୦୦ ଆମ୍ବଗଛ ଲାଗିଲା

ବ୍ରହ୍ମପୁର,୪।୧୨ (ସ୍ମୃତିରଞ୍ଜନ ମହାଳିକ)

ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମ ହଜରେ ସୋମବାର ସବୁଜ ବାହିନୀ ୧୦୮ ବର ଓ ୧୦୦ ଆମ୍ବ ଗଛ ଲଗାଇଛି। ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ମେଗା ବୃକ୍ଷ ରୋପଣ କରାଯାଇଛି। ଜଳବାୟୁ ପରିବର୍ତ୍ତନରେ ଅସନ୍ତୁଳନ ଦେଖାଦେଉଥିବାରୁ ପ୍ରାକୃତିକ ସମସ୍ୟା ଉପୁଜୁଛି। ଏହାକୁ ନଜରରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ବାହିନୀ ଦୀର୍ଘ ୧୦ ବର୍ଷ ଧରି ଏଭଳି ଚେଷ୍ଟା ଜାରି ରଖିଛି। ଏଥିସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷ ରୋପଣ ଓ ବୃକ୍ଷ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧକ୍ଷ ସୁବାଷ ମହାରଣା, ଅନୁଷ୍ଠାନର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ ପ୍ରକାଶ, ପି. ବିନୋଦ, ଗଣେଶ ପାଣିଗ୍ରାହୀ, ସାଗର ପ୍ରସାଦ ପାତ୍ର, ଜେ. ବିନୋଦ ଓ ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ବିଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।




ଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ।

# କବିତା ମାଧ୍ୟମରେ କବି ସମାଜରେ ସଂସ୍କାର ଆଣିଥାଏ

ବ୍ରହ୍ମପୁର,୪।୧୨ (ସ୍ମୃତି ରଞ୍ଜନ ମହାଳିକ)

ସମାଜରେ ଘଟି ଯାଉଥିବା ବିଭିନ୍ନ ଘଟଣାକୁ ହୃଦୟଙ୍ଗମ କରି ତାହାର ଯଥାର୍ଥ ପ୍ରତିପାଦନକୁ କବିତା ମାଧ୍ୟମରେ ସଂସ୍କାର ଆଣିବା ପାଇଁ କବି ସର୍ବଦା ପ୍ରୟାସ ଜାରି ରଖିଥାଏ ବୋଲି ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ସାରସ୍ୱତ ସମାରୋହରେ କଳା ସାହିତ୍ୟ ଓ ସଂସ୍କୃତି ଗବେଷକ ଡ ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି। ଉତ୍କଳ ଆଶ୍ରମ ସ୍ଥିତ ଓଡିଆ ଭାଷା ଭବନ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୂପେ ସାହିତ୍ୟିକ ଡ. ବନମାଳୀ ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ରୂପେ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢି, କବି ଦଣ୍ଡପାଣି ମହାପାତ୍ର ଓ ଲେଖକ ସାମ୍ମୁଖ୍ୟ ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ରଙ୍କ କବିତା ଗ୍ରନ୍ଥ ଭିନ୍ନ ଏକ ସ୍ୱପ୍ନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଂଗଠନ ସଂପାଦକ ସୁଦାମ ପାଣିଗ୍ରାହୀଙ୍କ ସମେତ ଭଗବାନ ତ୍ରିପାଠୀ, ଭିକାରୀ ଚରଣ ମହାପାତ୍ର, ଡ. ସୁବ୍ରତ କୁମାର ସାହୁ ପ୍ରମୁଖ କବିତା ପାଠ କରିଥିଲେ।

# 'ସାପ ଏକ ଅସ୍ତ୍ର ନୁହେଁ' କର୍ମଶାଳା

ଖଲ୍ଲିକୋଟ,୪।୧୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲାର ସମସ୍ତ ସର୍ପ ଉଦ୍ଧାରକାରୀ ମାନଙ୍କୁ ନେଇ ଖଲ୍ଲିକୋଟ ଅନ୍ତର୍ଗତ ନାରାୟଣୀ ମନ୍ଦିରଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ନେକ ହେଲ୍ପ ଲାଇନ ପକ୍ଷରୁ ଆୟୋଜିତ 'ସାପ ଏକ ଅସ୍ତ୍ର ନୁହେଁ' କର୍ମଶାଳାରେ ଜିଲାର ବିଭିନ୍ନ ସ୍ଥାନରୁ ୩୦ରୁ ଉର୍ଦ୍ଧ୍ୱ ସର୍ପ ଉଦ୍ଧାରକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସ୍ନେକ ହେଲ୍ପ ଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ମୁଖ୍ୟବକ୍ତା,ସମ୍ମାନିତ ଅତିଥି ଭାବେ ବନରକ୍ଷୀ ସନ୍ତୋଷ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟରେ ସାପକୁ ନେଇ ହେଉଥିବା ଅପରାଧ ଉପରେ ଆଲୋଚନା ହୋଇଥିଲା। ସେହିପରି ଜିଲାରେ ବିଶେଷକରି ଦଣ୍ଡ ନୃତ୍ୟ ସମୟରେ ଯାତ୍ରା ପେଣ୍ଡାଲଗୁଡ଼ିକରେ ହେଉଥିବା ସାପ ଖେଳକୁ ରୋକ୍ ଲଗାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଅପରାଧ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ପୋଲିସ ଓ ପ୍ରଶାସନକୁ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ଦକ୍ଷିଣ ଓଡ଼ିଶା ସଂଯୋଜକ ସ୍ୱାଧୀନ ସାହୁଙ୍କ ପୋରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ସନ୍ଦୀପ ସେଠୀ, ପୂର୍ଣ୍ଣ ଚନ୍ଦ୍ର ଦାସ, ସିଲକା ସଲୋନି, ଭି କାଜଲ ପାତ୍ର, ରାଜେଶ ସୁତାର, ମିହିର ପଣ୍ଡା, ସ୍ୱପ୍ନାଲୋକ ମିଶ୍ର, ତାରା ପ୍ରସାଦ ଦାସ, ଭି ରାମା ପାତ୍ର, ହରିଶ ପାଢ଼ୀ, ନବଘନ ସ୍ୱାଇଁ, ରାମଚନ୍ଦ୍ର ସାହୁ, ଗୌରୀ ସାହୁ, ରଞ୍ଜିତ ରଣାଙ୍କ ସମେତ ସର୍ପ ଉଦ୍ଧାରକାରୀ ଯୋଗ ଦେଇଥିଲେ।

# ଆଇନ ସେବା ପ୍ରାଧିକରଣ ପାଳିଲା ଦିବ୍ୟାଙ୍ଗ ଦିବସ

ବ୍ରହ୍ମପୁର,୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ) ସୋମବାର ଦିବ୍ୟାଙ୍ଗ ଦିବସ ପାଳିଛି। ଡିଏଲଏସଏ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶରେ ଏମକେସିଜିର ମାନସିକ ରୋଗ (ସାଇକାଟ୍ରିଟ) ବିଭାଗରେ ଏହି କାର୍ଯ୍ୟକ୍ରମ ହୋଇଛି। ସିଭିଲ ଜଜ୍ ତଥା ରେଜିଷ୍ଟ୍ରର ସୁଶାନ୍ତ କୁମାର ମିଶ୍ର ଏହାକୁ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ଆୟୁଷ୍ମାନ ମହନ୍ତ ଅଂଶ ଗ୍ରହଣ କରି ଦିବସ ପାଳନ ଉପରେ କହିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ, ସଦସ୍ୟା ତଥା ଆଇନଜୀବୀ ଡା. ମିନାକ୍ଷୀ ଦେବୀ, ସଦସ୍ୟା ସବିତା ସାହୁକାରଙ୍କ ସହ କେତେକ ଡାକ୍ତର, ବହୁ ନ୍ୟାୟିକ ଅଧିକାରୀ, ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ସଦସ୍ୟା, ଆଇନଜୀବୀ, ପାରାଲିଗଲ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

# କୃଷି କାର୍ଯ୍ୟ ସହ ଉଦ୍ୟୋଗୀ ପାଇଁ ମହିଳାଙ୍କ ଆଗ୍ରହ ବଢୁଛି

ବ୍ରହ୍ମପୁର,୪।୧୨ (ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମହିଳା କୃଷିଜୀବୀ ଦିବସ ବିଜ୍ଞାନ କେନ୍ଦ୍ର ପରିସରରେ ସୋମବାର ପାଳିତ ହୋଇଛି। ମୁଖ୍ୟ ଅତିଥି ରୂପେ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ ଯୋଗ ଦେଇ ଦେଶର କୃଷି ଉତ୍ପାଦନ କ୍ଷେତ୍ରରେ ମହିଳା କୃଷି ଜୀବୀଙ୍କ ଅବଦାନ ସଂପର୍କରେ କହିଥିଲେ। ବର୍ତ୍ତମାନ ମହିଳାମାନେ କୃଷି କାର୍ଯ୍ୟ ସହ ଉଦ୍ୟୋଗୀ ହେବା ପାଇଁ ଇଚ୍ଛା ପ୍ରକାଶ କରିବା ଏକ ଶୁଭ ସୂଚନା। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷ ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଲିପିଲତା ସ୍ୱାଇଁ ମହିଳା ବର୍ଗଙ୍କ ପାଇଁ ପ୍ରାଣୀ ଧନ ପାଳନରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ। ମହିଳା ଉଦ୍ୟୋଗୀକରଣରେ ପଶୁ ପାଳନ କ୍ଷେତ୍ର ଏକ ନୂତନ ଆଶା ସଂଚାର କରିବାରେ ସହାୟକ ହେବ ବୋଲି ସେ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ କହିଥିଲେ ଯେ, ଅଧବସାୟ, ଧୈର୍ଯ୍ୟ, ନମ୍ର ମନୋଭାବ, ନୂତନ ଜ୍ଞାନ କୌଶଳ ଏବଂ ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ନିଜର ଆୟ ଦ୍ୱିଗୁଣିତ କରିପାରିବେ। ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଶ୍ୱର୍ଯ୍ୟା ପଣ୍ଡା, ସହକାରୀ କୃଷି ଅଧିକାରୀ ଚିନ୍ମୟୀ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଅଙ୍କିତା କର, ଭାରତୀୟ ଉପକୂଳ ସଂପ୍ରଦାୟ ଜଳବାୟୁ ପ୍ରକଳ୍ପର କୃଷି ବିଷୟବସ୍ତୁ ବିଶେଷଜ୍ଞ ନିର୍ମଳା ସିଲା, ମିଶନ ଶକ୍ତି ବ୍ଲକସ୍ତରୀୟ ସଂଯୋଜକ ପବିତ୍ର ଦୋରା ଓ ରୋଜାରାଣୀ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ମହିଳା ଓ ଉଦ୍ୟୋଗୀଙ୍କୁ କେନ୍ଦ୍ର ସହ ଜଡିତ ରହିବା ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ରର ବୈଜ୍ଞାନିକ ଡ. ଦେବାଶିଷ ଷଡଙ୍ଗୀ, ସନ୍ଦୀପ ମହାନ୍ତି, ଡ. ସିଦ୍ଧାର୍ଥ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟିକରଡା ଗ୍ରାମର ମହିଳା ଚାଷୀ ଓ ଉଦ୍ୟୋଗୀ ବିଜୟ ଲକ୍ଷ୍ମୀ ସେଠୀଙ୍କୁ ସମନ୍ୱିତ କୃଷି ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ଓ ବ୍ୟବସାୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗେଇଲୁଣ୍ଡା, ସୁରଳ ଓ ସୁନାପୁର ଗ୍ରାମରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଏବଂ ଉଦ୍ୟୋଗୀ ଯୋଗ ଦେଇଥିଲେ।




ବୈଠକରେ ଉପସ୍ଥିତ ଅତିଥି, କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଟ୍ରକ ଚାପାରେ ଜଣେ ମୃତ

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଉପଲଡା ଗ୍ରାମ ହାଟ ରାସ୍ତା ନିକଟରେ ଟ୍ରକ ଚାପାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ହେଲେ ସାତମାଇଲ ଗ୍ରାମ ନିକଟସ୍ଥ କୁଡୁଡା ଗ୍ରାମର ଏସ.ସୁଧାକର ବୋଲି ଜଣାପଡିଛି। ପ୍ରକାଶ ଯେ, ଉପଲଡା ଗ୍ରାମ ହାଟ ନିକଟରେ ଥିବା ଏକ ଖାଲି ପଡିଆ ଠାରେ ଦୈନନ୍ଦିନ ଟିପ୍ପର ଓ ଟ୍ରକ ପାର୍କିଂ ହୋଇଥାଏ । ତେବେ ମୃତକ ଜଣକ ସେହି ପାର୍କିଂ ସ୍ଥଳକୁ ଯାଇ ଟ୍ରକ ନିକଟରେ ଶୋଇପଡିଥିବା ଏବଂ ଭୋର ସମୟରେ ଟ୍ରକ ଡ୍ରାଇଭର ଜଣକ ଟ୍ରକ ବାହାର କରିବା ବେଳେ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଗୁରାଣ୍ଡି ଥାନା ଅଧିକାରୀ ରବିନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏଏସଆଇ ରାବଣା ପ୍ରମୁଖ ପହଞ୍ଚି ମୃତଦେହ ଜବତ କରିବା ସହ ଟ୍ରକକୁ ଅଟକ ରଖିଛନ୍ତି ।

### କଳିଙ୍ଗାଠାରେ ପ୍ରାକ ବଡ଼ଦିନ ମହୋତ୍ସବ

ଜି.ଉଦୟଗିରି,୪।୧୨(ଶିଶିର ପଟ୍ଟନାୟକ) କଳିଙ୍ଗାଠାରେ ରବିବାର ପ୍ରାକ ବଡ଼ଦିନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଳିଙ୍ଗା ଯୁବକ ସଂଘ ଓ ମହିଳା ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା । ସକାଳେ ପ୍ରଥମ ଅଧିବେଶନ କରାଯାଇ ଅସହାୟ ଓ ବୃଦ୍ଧା ବୃଦ୍ଧମାନଙ୍କୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ସକାଳ ଅଧିବେଶନରେ ଶିଶୁ ସୁରକ୍ଷା କମିଶନ ସଦସ୍ୟା ଜାଲିନା ପ୍ରିୟାଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସକ ନିରୂପମା ମଲ୍ଲିକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ କୁସୁମଲତା ନାୟକ ଯୋଗ ଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପିତର ମଲ୍ଲିକ, ଫିଲିମନ ନାୟକ, ପ୍ରଶାନ୍ତ କୁମାର ଦାଶ, ରସନଦେଓ ନାୟକ, ପାଳକ ସୁବୋଧ ପରିଛା, ପଙ୍କଜ ଦିଗାଲ ଯୋଗ ଦେଇଥିଲେ। ଜିତେନ୍ଦ୍ର ଦିଗାଲ ସନ୍ଧ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୃତୀୟ ଅଧିବେଶନ କାର୍ଯ୍ୟକ୍ରମକୁ ଆମନ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ।

### ପାହାଡ଼ରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ହିଞ୍ଜିଳିକାଟୁ, ୪।୧୨(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ନୂଆଗଡ ଗ୍ରାମର ମେଣ୍ଢାଖାଇ ପାହାଡ଼ ଉପରେ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ହିଞ୍ଜିଳି ପୋଲିସ। ମହିଳାଜଣଙ୍କ ପିନ୍ଧିଥିବା ଲୁଗା କାନିରେ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ପୋଲିସ ଜବତ କରିଛି। ପ୍ରକାଶ ଯେ, ସୋମବାର ପାହାଡ଼ ଉପରକୁ ଯାଇଥିବା କିଛି ବ୍ୟକ୍ତି ଏକ ଗଛରେ ଝୁଲୁଥିବା ଅବସ୍ଥାରେ ମହିଳାଙ୍କ ମୃତଦେହ ଦେଖିଥିଲେ। ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କାଉଖତ ଗାଁର ସୁବାସିନୀ ବିଷୋୟୀ (୩୫) ବୋଲି ଚିହ୍ନଟ ହୋଇଥିବା ପୋଲିସ କହିଛି। ଗତ ୩ ଦିନ ତଳେ ସେ ନିଖୋଜ ଥିବା ତାଙ୍କ ବାପା କିଶୋର ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ସୁବାଷିନୀଙ୍କ ମାନସିକ ସାସ୍ଥ୍ୟ ଠିକ ନଥିବା ତାଙ୍କ ବାପା ପୋଲିସକୁ କହିଛନ୍ତି। ଏ ନେଇ ହିଞ୍ଜିଳି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

### ଖେମୁଣ୍ଡି କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଦିଗପହଣ୍ଡି,୪।୧୨(ଅଶେଷ ନାଥ ମିଶ୍ର)- ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରେ ସୋମବାର 'ନୂଆ-ଓ', ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଅନୁପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଡ. ସନ୍ଧ୍ୟାରାଣୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଅବସରପ୍ରାପ୍ତ ଅଧକ୍ଷା ଡ. ହରପ୍ରିୟା ପଟ୍ଟନାୟକ, କଲେଜ ଆଲୁମ୍ନି ସମ୍ପାଦକ ହରପ୍ରସାଦ ରଥ, ପରିଚାଳନା କମିଟିର ସଦସ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସେଠୀ, ସଦସ୍ୟା ସୁନିତା ଦୋରା, ଅଧାପକ ଡ. ଅସୀତ କୁମାର ଷଡ଼ଙ୍ଗୀ, ନୋଡାଲ ଅଧିକାରୀ ହିମାଂଶୁ ଶେଖର ମିଶ୍ର ଏବଂ ତ୍ରିଲୋଚନ ରଇତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଜଳ ଯୋଗାଣ ବନ୍ଦ, ମାଠିଆ ଧରି ପ୍ରତିବାଦ

ଗୁମ୍ମା,୪।୧୨(ପ୍ରବୀଣ କୁମାର ଲିମା)



ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦକୁ ନେଇ ମହିଳାମାନେ ମାଠିଆ ଧରି ପ୍ରତିବାଦ କରିଛନ୍ତି। ଦୀର୍ଘ ଏକ ମାସ ହେବ ଗ୍ରାମରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହେବା ଫଳରେ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରାମରେ ଦୁଇଟି ବୋର୍‌ୱେଲ ଖନନ ହୋଇଥିଲେ ସୁଦ୍ଧା କେବଳ ଗୋଟିଏ ହିଁ କାର୍ଯ୍ୟକ୍ଷମ ଥିଲା। ତାହା ମଧ୍ୟ ଗୋଟିଏ ଦିନ ପାଣି ଯୋଗାଣ ହେଲେ ତିନିଦିନ ବନ୍ଦ ରହୁଥିଲା। କାରଣ ବାରଶହରୁ ଊର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭର କରନ୍ତି। ଗୋଟିଏ ବୋର୍‌ୱେଲ ପାଣି ସେମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ନୁହେଁ। ସେହି ବୋର୍‌ୱେଲ ମଧ୍ୟ ଗତ ଏକ ମାସ ହେଲା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ଗାଇବା ଗ୍ରାମରେ ଘୋର ଜଳ ସଙ୍କଟ ଦେଖାଯାଇଛି। ଏ ସମ୍ପର୍କରେ ଗ୍ରାମର ବାସିନ୍ଦା ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଶେଷରେ ବାଧ୍ୟ ହୋଇ ମହିଳାମାନେ ମାଠିଆ ଧରି ପ୍ରତିବାଦ କରିଛନ୍ତି। ଏହାର ତ୍ୱରିତ ସମାଧାନ ନିମନ୍ତେ ଗାଇବା ଗ୍ରାମର ମାନୁଏଲ ମାଛ, ଲୁଲୁ ଲିମ୍ମା, ଅଭିନାଶ ବେବର୍ତ୍ତା, ଅଜୁ ଲିମା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗିୟ ଯନ୍ତ୍ରୀ ରୁଷିକେଶ ମାରାଣ୍ଡିଙ୍କ ସହିତ ଯୋଗାଯୋଗ କରାଯିବାରୁ ଦୁଇ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ପୂର୍ବତନ ଜିଆର୍‌ଏସ୍‌ଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ, ୪।୧୨(ରାକେଶ କୁମାର ରାଉତ)

ଏକ ଲାଞ୍ଚ ନେବା ମାମଲାର ବିଚାର କରି ସୋମବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ୫ ହଜାର ଜରିମାନା ଏବଂ ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳର ବ୍ଲକ୍ ଘଣ୍ଟାପଡା ପଞ୍ଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ(ଜିଆରଏସ୍) ପାଣ୍ଡବ ମହଲା ।

ଉକ୍ତ ପଞ୍ଚାୟତରେ ରିସପାଲ ରଣାଙ୍କର ମାଟି ଘର ଥିଲା । ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିବାକୁ ଯାଇଥିଲେ। ହେଲେ ତାଙ୍କ ନାମ ଲିଷ୍ଟରେ ଥିବା ଜାଣିବାକୁ ପାଇଥିଲେ । ଘର କାହିଁ କି ମିଳୁନାହିଁ ବୋଲି ପଚାରିବାରୁ କେହି ଜଣେ ତାଙ୍କୁ ଜିଆରଏସ୍ ମହଲାଙ୍କୁ ଦେଖା କରିବାକୁ କହିଥିଲେ । ରଣା ତାଙ୍କୁ ଯାଇ ଭେଟିବାରୁ ୨୦ ହଜାର ଟଙ୍କା ଦେଲେ ଘର ମିଳିବ ବୋଲି କହିଥିଲେ । ଏଥିରେ ରଣା ରାଜି ନ ହେବାକୁ ୧୫ ହଜାର ଦେଲେ କାମ ହେବ ନ ହେଲେ ଫାଇଲ ଆଗକୁ ବଢ଼ିବ ନାହିଁ ବୋଲି ଜିଆରଏସ୍ କହିଥିଲେ । ରଣା ଏ ନେଇ ୨୦୧୯ ଅକ୍ଟୋବର ୨୧ରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୨ ତାରିଖରେ ଜିଆରଏସ୍ ମହଲା ତାଙ୍କ କାର୍ଯ୍ୟାଳୟରେ ଲାଞ୍ଚ ଗ୍ରହଣ କରିଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ। ଏ ନେଇ ଭିଜିଲାନ୍ସରେ ୨୯/୧୯ରେ ମାମଲା ରୁଜୁ ହୋଇଥିଲା। ମୋଟ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ସ୍କ୍ରାପ, ଗଛରେ ଆଇଏନ୍‌ଏସ ବିକ୍ରାନ୍ତ



ଛତ୍ରପୁର,୪।୧୨(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ସରକାରୀ ଆଇଟିଆଇ ଛାତ୍ରୀଛାତ୍ର ଅଭିନ୍ନ କାର୍ଯ୍ୟ କରି ଦେଖାଇଛନ୍ତି। ଅଦରକାରୀ ସ୍କ୍ରାପ, ଗଛ, ଆଇରନ ଆଦିକୁ ବ୍ୟବହାର କରି ଅବିକଳ ନୌସେନାର ସ୍ୱଦେଶୀ ଯୁଦ୍ଧ ଜାହାଜ 'ବିକ୍ରାନ୍ତ' ନିର୍ମାଣ କରିଛନ୍ତି। ସୋମବାର ନେଭି ଡେ' ଅବସରରେ ଏହାର ଶୁଭ ଉଦଘାଟନ ହୋଇଛି। ଏହାକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଉଦଘାଟନ କରିଛନ୍ତି। ଏହାକୁ ପ୍ରସ୍ତୁତ ଲାଗି ବର୍ଷେ ସମୟ ଲାଗିଛି। ଏହାର ଉଚ୍ଚତା ୩୦ ଫୁଟ, ଓସାର ୧୦ ଫୁଟ ଓ ଲମ୍ବ ୭୦ ଫୁଟ ରହିଛି। ନୌସେନା ବାହିନୀଙ୍କୁ ନୌସେନା ଦିବସରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉତ୍ସର୍ଗ କରାଯାଇଛି। ବର୍ଷେ ପୂର୍ବରୁ ଏହା ନିର୍ମାଣ ପାଇଁ ଡିଜାଇନ କରାଯାଇଥିଲା। ପରେ ସ୍କ୍ରାପ, ଆଇରନ ଓ ପ୍ଲାଷ୍ଟିକରେ ଫ୍ରେମ କରାଯାଇଥିଲା। ଗଛ ଦ୍ୱାରା ସଜା ଯାଇଥିଲା। ଏହାପରେ ଆଲୋକୀକରଣ କରାଯାଇ ସୁସଜ୍ଜିତ କରାଯାଇଥିଲା। ସରକାରୀ ଆଇଟିଆଇର ପ୍ରିନ୍ସପାଲ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିଲେ। ପୂର୍ବରୁ ଆଇଟିଆଇ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଜୁ ବାବୁଙ୍କ ଡାକୋଟା ବିମାନ ସ୍କ୍ରାପରେ ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଲାବଣ୍ୟବତୀ ବେହେରା, ନିରୁପମା ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

ଦିଗପହଣ୍ଡି,୪।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଶିକ୍ଷକ ଭବନ ପରିସରରେ ଦିଗପହଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ମିଳିତ ଶିକ୍ଷକ ସଂଘ ସଭାପତି ଇ. ଗଣେଶ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ତା'ର ଆଶୁ ସମାଧାନ ଦିଗରେ ନିଷ୍ପତ୍ତି ନିଆଯିବା ସହ ଆଗାମୀ ୨୦୨୪ ଶିକ୍ଷାବର୍ଷ ନିମନ୍ତେ ସଂଘର କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିଲା। ଏଥିରେ ସଂଘର ଉପଦେଷ୍ଟା ସନାତନ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ଗୌଡ଼, ସଂଯୋଜକ ଲକ୍ଷ୍ମଣ କୁମାର ସାହୁ, ସହସମ୍ପାଦକ ସୀମାଞ୍ଚଳ ପ୍ରଧାନଙ୍କ ସମେତ ପ୍ରଫୁଲ୍ଲ କୁମାର ପ୍ରଧାନ, ନର୍ମଦା ପାତ୍ର, ସ୍ୱୟଂପ୍ରଭା ପଟ୍ଟନାୟକ, ପର୍ଶୁରାମ ବେହେରାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହକୁ ନା, ସଚେତନ କଲେ ଛାତ୍ରୀଛାତ୍ର



ପଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ଜନସଚେତନ କରୁଛନ୍ତି।

ଦାରିଙ୍ଗବାଡି, ୪।୧୨(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଡ. ଭୀମରାଓ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର ଶୋଭାଯାତ୍ରାରେ ବାହାରି ଦାରିଙ୍ଗବାଡି ବଜାରରେ ଜନ ସଚେତନତା କରିଛନ୍ତି। ସେମାନେ ବଜାରର ବସଷ୍ଟାଣ୍ଡ, ଚାରିଛକ, ତିନିଛକ ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ କରିଛନ୍ତି। ବିଶେଷ କରି ବାଲ୍ୟ ବିବାହକୁ ନା କହିବା ସହ ସାମାଜିକ ସଚେତନର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ପ୍ଲାଷ୍ଟିକ ମୁକ୍ତ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, କନ୍ୟା ସନ୍ତାନ ସୁରକ୍ଷା ସହ ଶିକ୍ଷା ଅଧିକାର, ବନୀକରଣ, ନାରୀ ସଶକ୍ତୀକରଣ, ଘରୋଇ ହିଂସା ନିବାରଣ, ନିଶା ନିବାରଣ ସହ ପରିବେଶର ସୁରକ୍ଷା ନେଇ ଜନ ସଚେତନ କରାଇଥିଲେ। ଦାରିଙ୍ଗବାଡିର ଜନ ଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ସଫେଇ କାର୍ଯ୍ୟ କରିଥିଲେ ବିଶେଷ କରି ବ୍ୟାଙ୍କ ପରିସରକୁ ସଫେଇ କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ବାଲ୍ୟବିବାହ ରୋକିବା ନାରୀ ନିର୍ଯାତନା ରୋକିବା ଦିଗରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ପ୍ରତାପ ବେହେରା ପରିଚାଳନା କରୁଥିବା ବେଳେ ଅନ୍ୟତମ ଅଧାପିକା ସସ୍ମିତା ସାମନ୍ତ, ରଶ୍ମିରଂଜନ ତ୍ରିପାଠୀ, ବବଲିନ ନାୟକଙ୍କ ସମେତ ଭକ୍ତରାମ ଦିଗାଲ, ନିମାଇଁଚରଣ ପଣ୍ଡା, ବିଷ୍ଣୁ ସାହୁ, ବିକ୍ରମ କିଶୋର ପଟ୍ଟନାୟକ, ପ୍ରଶାନ୍ତ ନାୟକ, ରାଜେଶ ପ୍ରଧାନ, ଏଲିୟାସ ପ୍ରଧାନ ପରିଚାଳନା କରିଥିଲେ।

# ସଂଜିତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ଫୁଲବାଣୀ, ୪।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଯୁବ ବିଜେଡି ଉପ ସଭାପତି ସଂଜିତ ମଲିକ(ପପୁ)ଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ରାମ ମନ୍ଦିର ପରିସରରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ନୀରବ ପ୍ରାର୍ଥନା କରାଯିବା ସହ ଦିବଙ୍ଗତ ଯୁବନେତାଙ୍କ ସ୍ମୃତିଚାରଣ କରା ଯାଇଥିଲା। ଏହି ଅବସରରେ ୧୦୧ ଦୀପ ମନ୍ଦିର ସମ୍ମୁଖରେ ପ୍ରଜଳନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଯୁବ ବିଜେଡି ଜିଲା ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଛାତ୍ର ବିଜେଡ଼ି ସଭାପତି ସୁନିଲ ସେଠୀ, ନଗର ସଭାପତି ବିମଳ ପାଢ଼ୀ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ପୁନମ କହଁର, ଧନଞ୍ଜୟ ପାତ୍ର, ଦେବବ୍ରତ ନାୟକ, ଶିବାଶୀଷ ପଣ୍ଡା, ଅମରଜ୍ୟୋତି ରାଏ, ବସନ୍ତ ପାଢ଼ୀ, ସୁମିତ ସାଗର ସାମନ୍ତରାୟ, ବିରଜା ପ୍ରସାଦ ବର୍ଗତି ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଖେମୁଣ୍ଡି ତାଲୁକା ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ

ଦିଗପହଣ୍ଡି,୪।୧୨(ଅଶେଷ ନାଥ ମିଶ୍ର)- ଦିଗପହଣ୍ଡି ଗୁପ୍ତେଶ୍ୱର ଶୈବପୀଠ ନିକଟ ବଡଖେମୁଣ୍ଡି ତାଲୁକା ଶୌଣ୍ଡିକ ସମାଜ ସଭାଗୃହରେ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ଖେମୁଣ୍ଡି ତାଲୁକା ସଭାପତି ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜର ସମୃଦ୍ଧି ଓ ବିକାଶ ନିମନ୍ତେ ଶିକ୍ଷାର ଭୂମିକାକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ସମାଜର ଜିଲା ସଭାପତି ନିରଞ୍ଜନ ସାହୁ, ଆଇନ ପରାମର୍ଶଦାତା ନିର୍ମଳ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଜାତିର ଗାରିମା ରକ୍ଷା କରାଯିବା ସହ ସମାଜର ଏକତା ପ୍ରତିପାଦିତ ହେଲେ ଏହି ଜାତି ଏକ ଶ୍ରେଷ୍ଠ ଜାତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗଡଗୋବିନ୍ଦପୁର ସରପଞ୍ଚ ତଥା ଦିଗପହଣ୍ଡି ବ୍ଲକ ବିଜେଡି ଯୁବ ସଭାପତି ରଞ୍ଜନ କୁମାର ସାହୁ, ପୂର୍ବତନ ସରପଞ୍ଚ ଭୀମସେନ ସାହୁଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ସମ୍ମାନିତ

ଫୁଲବାଣୀ, ୪।୧୨(ରାକେଶ କୁମାର ରାଉତ)



ଅକ୍ଷୟ ପଣ୍ଡାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

କନ୍ଧମାଳ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ପଣ୍ଡାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସମ୍ମାନୀତ କରାଯାଇଛି। ପଣ୍ଡାଙ୍କ ଭିନ୍ନକ୍ଷମମାନଙ୍କ ପ୍ରତି ଦୀର୍ଘ ୨୩ବର୍ଷର ସେବା ମନୋବୃତ୍ତିକୁ ଭୂୟସୀ ପ୍ରଶଂସା କରାଯାଇଛି। ବିଶେଷକରି ଜନ୍ମଗତ ପାଦ ବିକୃତି ଅସ୍ତ୍ରୋପଚାର ଶିବିର ଜରିଆରେ ବହୁବକ୍ରପାଦ ପିଲାଙ୍କୁ ଅସ୍ତ୍ରୋପଚାର ମାଧ୍ୟମରେ ସକ୍ଷମ କରାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ପଣ୍ଡାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ, ଅଙ୍ଗଦ କହଁର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୁଚନାଯୋଗ୍ୟ, କନ୍ଧମାଳ ଜିଲାରେ ୨୦୦୮-୦୯ ମସିହାରୁ ଏହି ଅସ୍ତ୍ରୋପଚାର ଶିବିର ଆରମ୍ଭ ହୋଇଆସୁଛି । ବର୍ତ୍ତମାନ ସୁଦ୍ଧା ୧୦ଟି ଶିବିର ମାଧ୍ୟମରେ କନ୍ଧମାଳ ବୌଦ୍ଧ, ସୋନପୁର, ବଲାଙ୍ଗୀର, ଅନୁଗୁଳ, ନୟାଗଡ଼ ଆଦି ଜିଲ୍ଲାର ୨୫୬ ଜଣ ବକ୍ରପାଦ ଶିଶୁଙ୍କର ୩୫୬ଟି ପାଦର ସଫଳ ଅସ୍ତ୍ରୋପଚାର କରାଯାଇଛି। ସେହିପରି ରାଜ୍ୟର ୧୩ଟି ଜିଲାରେ ଅସ୍ତ୍ରୋପଚାର ଶିବିର କରାଯାଇ ୭୮୫ ପିଲାଙ୍କର ୧୦୭୨ ବକ୍ରପାଦର ସଫଳ ଅସ୍ତ୍ରୋପଚାର କରାଯାଇଛି । ପିଲାମାନେ ସମ୍ପୂର୍ଣ୍ଣ ସକ୍ଷମ ହୋଇଛନ୍ତି।

# ଟାଟା ପାୱାର କର୍ମଚାରୀଙ୍କ ଧାରଣା




ଭଞ୍ଜନଗର,୪।୧୨(ବାବୁଲା ପ୍ରଧାନ)

ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ସୋମବାର ଭଞ୍ଜନଗର ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ୬ଦଫା ଦାବି ନେଇ ଧାରଣା ଦେଇ ଥିଲେ। ଭଞ୍ଜନଗର ଡିଭିଜନର ୧୦ଟି ସେକ୍ସନ୍‌ର କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗତ ମାସରେ ସଂଘର ବିଭିନ୍ନ ଦାବିକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ସେଥିରେ ସଂଘର ଦାବିକୁ ପରିଚାଳନା କମିଟି ଓ ଏଜେନ୍ସି ମାନି ନେଇଥିଲେ ମଧ୍ୟ ତାହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦାବି ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ଅନୁସାରେ ଦରମା ଲାଗୁ କରିବା, ତେଲ ଖର୍ଚ୍ଚ ଆଲୋଚନା ଅନୁସାରେ ପ୍ରଦାନ କରିବା, ସୁପରଭାଇଜର ଏବଂ ଏଟଟି କର୍ମଚାରୀଙ୍କୁ ନିର୍ଦ୍ଧାରିତ ଦରମା ଦେବା, ଓଭର ଟାଇମ ବେତନ ପ୍ରଦାନ ଓ ପ୍ରତ୍ୟେକ ମାସର ୭ ତାରିଖରେ ଦରମା ଦେବାକୁ ଦାବି ହୋଇଛି।

# ଛତ୍ରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି



ଛତ୍ରପୁର,୪।୧୨(ଦିଲ୍ଲୀପ ସାମଲ):

ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଖଣ୍ଡ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଜନସାଧାରଣ ଏହି ଶୁଣାଣିରେ ଯୋଗଦେଇ ସେମାନଙ୍କ ଅଭିଯୋଗଗୁଡିକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସପି ଜଗମୋହନ ମୀନାଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ସାମୂହିକ ଅଭିଯୋଗଗୁଡିକ ଦେଖିବାକୁ ମିଳିଛି। ଏଥିରେ ୧୬୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ହୋଇଥିବା ବେଳେ ୪ଟି ସାମୂହିକ ଅଭିଯୋଗ ରହିଛି। ରେଡକ୍ରସ ତରଫରୁ ୩ଜଣଙ୍କୁ ମିଶାଇ ୧୩ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପଜିଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ଏସଡିପିଓ ଗୌରହରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଭ୍ରାମ୍ୟମାଣ ପ୍ରଦର୍ଶନୀ

ପାରଳାଖେମୁଣ୍ଡି, ୪।୧୨ (ଗିରିଧାରୀ ପରିଛା):



ଓଡ଼ିଶା ଲଳିତ କଳା ଏକାଡେମୀର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ସହଯୋଗରେ ରାଜ୍ୟରେ ଚିତ୍ରକଳା ପ୍ରଚାର ପ୍ରସାର ନିମନ୍ତେ ଲଳିତ ଏକାଡେମୀ ଦ୍ୱାରା ସଂଗୃହୀତ ଚିତ୍ରକଳାଗୁଡ଼ିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉତ୍ସବ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଯୋଗ ଦେଇଥିଲେ। ଓଡ଼ିଶା ଲଳିତ କଳାର ବହୁଳ ପ୍ରଚାର ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କ କଳା କୃତି ଯେପରି ରାଜ୍ୟର ଜନସାଧାରଣ, ଅନ୍ୟ ଶିଳ୍ପୀ ତଥା ଛାତ୍ରୀଛାତ୍ର ଦେଖିବାର ସୁଯୋଗ ପାଇପାରିବେ ଏବଂ ଓଡ଼ିଶାର ସବୁ ଜିଲାରେ ଚିତ୍ରକଳାର ପ୍ରଚାର ପ୍ରସାର କିପରି ଅଧିକ ହୋଇପାରିବ ସେଥିନିମନ୍ତେ ଏକାଡେମୀ ତରଫରୁ ଏକ ପ୍ରୟାସ କରାଯାଇଥିଲା। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଦିବଙ୍ଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିଦ୍ୟାଧର ବର୍ମା, ବସନ୍ତ ପଣ୍ଡା, ଅନନ୍ତ ପଣ୍ଡା, ଯତୀନ ଦାସ, ଅଜିତ ଖେଶରୀ ରାୟ, ବିଭୂତି କାନୁନଗୋ ଓ ରବିନାରାୟଣ ନାୟକ ପ୍ରମୁଖଙ୍କ ୪୦ଟି ଚିତ୍ର କଳା ସ୍ଥାପନ ପାଇଛି। ଉକ୍ତ ପ୍ରଦର୍ଶନୀ ୬ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଉକ୍ତ ପ୍ରଦର୍ଶନୀରେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏକାଡେମୀର ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

